# ହାଇୱେ ଡାଏରୀ – ଏକ ସଫଳ କାହାଣୀ

ଶ୍ରୀ ଅରାତୀ ବିଜୟ ମଙ୍ଗରାଜ, ବୟସ ୪୦-୪୨ ମଧ୍ୟରେ । ୨୦୦୧ ମସିହାରେ ଭୁବନେଶ୍ୱରର ଜୟଦେବ ବିହାର ଏନ-୬/୨୩୮ ପ୍ଲଟରେ ଟ.୨୦,୦୦୦/- ଟଙ୍କା ମୂଳ ଧନରେ **ଘୋଳଦହି** ଓ ଲସି ତିଆରି କରି ପ୍ୟାକିଂ କରି ବିକ୍ରି କରିବା ଆରମ୍ଭ କଲେ । ବଜାରରେ ଜିନିଷର ଚାହିଦାକୁ ଦେଖି ୨୦୦୪ ମସିହାରେ ବ୍ୟାଙ୍କ ଅଫ ବରୋଦା, ନୟାପଲ୍ଲି ଶାଖାରୁ ଟ.୧୦.୦୦ ଲକ୍ଷ ଟଙ୍କା ଋଣ କରି ମିଠା ଦହି, ସୁବାସିତ ଦୁଗ୍ଧ ଓ ପେଡା ପ୍ରଭୃତି ପ୍ରସ୍ତୁତ କଲେ । ଓଡିଶାରେ ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥର ବଜାର ଚାହିଦାକୁ ଆଖିରେ ରଖି ୨୦୧୨ ମସିହାରେ ପୁନର୍ବାର ବ୍ୟାଙ୍କ ଅଫ ବରୋଦାରୁ ଋଣ ନେଇ ଟ.୧.୫୦ କୋଟି ଟଙ୍କା ବ୍ୟୟରେ ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର ଠାରେ ୫୦୦୦ ଲିଟର କ୍ଷମତା ବିଶିଷ୍ଟ ଏକ ଦୁଗ୍ଧ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କଲେ । ଉଦ୍ୟୋଗୀ ଜଗତସିଂହପୁର ଜିଲ୍ଲାର ଯଶୋବନ୍ତପୁର ଓ ସିଙ୍ଗିପୁର ଠାରେ ପ୍ରତ୍ୟେକ ୨୦୦୦ ଲିଟର କ୍ଷମତା ସମ୍ପର୍ଣ୍ଣ ୨ଟି ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପ୍ରତିଷ୍ଠା କରି ସେଠାରୁ ପ୍ରକ୍ରିୟାକରଣ ପାଇଁ ଦୁଗ୍ଧ ସଂଗ୍ରହ କରିଥାନ୍ତି । ଆଜିର ଦିନରେ (୨୦୧୬ ମସିହା) ହାଇୱେ ଡାଏରୀର ମୂଳଧନ ଟ.୩.୫୦ କୋଟି ଟଙ୍କା । ୧୦୦୦୦ ଲିଟରରର ଦୁଗ୍ଧ ପ୍ରକ୍ରିୟାକରଣ କ୍ଷମତା ସମ୍ପର୍ଣ୍ଣ ଏହି ଉଦ୍ୟୋଗଟିରେ ଦୈନିକ ହାରାହାରି ୭୦୦୦ ଲିଟର ପ୍ରକ୍ରିୟାକୃତ ଦୁଗ୍ଧ ଓଡିଶାର ବିଭିନ୍ନ ସ୍ଥାନ ତଥା ଜଗତସିଂହପୁର, ପାରାଦୀପ, କଟକ, ପୁରୀ, ଯାଜପୁର ଓ କେନ୍ଦ୍ରାପଡା ପ୍ରଭୃତି ସ୍ଥାନକୁ **ନନ୍ଦିନୀ** ନାମ(brand)ରେ ବିକ୍ରି ପାଇଁ ପଠାଯାଇଥାଏ ।










ଦୁଗ୍ଧ ସହିତ, ବସାଦହି, ମିଠାଦହି, ଘୋଳଦହି, ଘିଅ, ସୁବାସିତ ଦୁଗ୍ଧ ଓ ପେଡା ପ୍ରଭୃତି ପ୍ରସ୍ତୁତ ଓ ବିକ୍ରୟ କରି ଓଡିଶାର ଏକ ଅଗ୍ରଣୀ ଦୁଗ୍ଧ ପ୍ରକ୍ରିୟାକରଣ ଶିଳ୍ପ ହିସାବରେ **"ହାଇୱେ ଡାଏରୀ"** ଆଗେଇ ଚାଲିଛି । ଉଦ୍ୟୋଗ ସ୍ଥାପନ ନିମନ୍ତେ ଶ୍ରୀ ମଙ୍ଗରାଜ **ଆପିକଲ** ଜରିଆରେ ରାଜ୍ୟ କୃଷିନୀତିରେ ଉପଲବ୍ଧ ଟ.୨୫.୦୦ ଲକ୍ଷ ଟଙ୍କା **ଉଦ୍ୟୋଗ ପୁଞ୍ଜି ରିହାତି** ପାଇଛନ୍ତି ।